# ଜୟଗୁରୁ
## ନୀଳାଚଳ ସାରସ୍ୱତ ସଂଘ, ପୁରୀ
## ଶାଖା - ଆମେରିକା ସାରସ୍ୱତ ସଂଘ
ଅକ୍ଷୟ ତୃତୀୟା ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୪-୨୯-୧୭ ସମୟ -୦୭:୦୦-୧୧:୩୫ (ET)

ପାଳିଆ - ସ୍ମିତା ବାଈ ମା', ବେଦମତୀ ମା', ଅଞ୍ଜଳି ମା', ଶିବାନୀ ମ· ମା', ବିଶ୍ୱ ଭାଇ, ସନ୍ଦୀପ୍ ଭାଇ

***Phone Number – (712) 432-3447 , Access code: 52924878#***

| Time (ET) | ପ୍ରଥମ ଅଧିବେଶନ (ସକାଳ ୭:୦୦ ରୁ ୮:୩୮) | | First session (7:00am - 8:38am) | |
|---|---|---|---|---|
| 7:00 – 7:30 | ଜାଗରଣ (ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି) | ବିଶ୍ୱଜିତ୍ ଭାଇ | Jagarana(Aaji e Shubha Pravate) | Biswajit Bhai |
| | ପ୍ରତୀକ୍ଷା (ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ) | ମିଲୁ ମା' | Pratiksha (Aasa Aasa Prabhu e mo) | Milu Maa |
| | ଆବାହନ (ତବ ମନ୍ଦିର ଦ୍ୱାରେ ଆସିଛୁ ଦେବ) | ଜ୍ଞାନ ଭାଇ | Aabahana (Taba Mandira Dware) | Gyan Bhai |
| | ଆବାହନ (ଆନନ୍ଦମୟ ନିଗମାନନ୍ଦ ଜୟ) | ଶିବାନୀ ମ· ମା' | Aabahana (Aanandamaya) | Sibani M. Maa |
| 7:30 – 7:45 | ଆରତି | ବ୍ରଜ ଭାଇ | Aarati | Braja Bhai |
| 7:45 – 8:10 | ବନ୍ଦନା (ବନ୍ଦେ ଶ୍ରୀଗୁରୁ)<br>ସ୍ତୋତ୍ର ବନ୍ଦନା | ଜ୍ଞାନ ଭାଇ<br>ସୁପ୍ରିତ୍ ଭାଇ | Bande Shreeguru<br>Stotra Bandana | Gyan Bhai<br>Suprit Bhai |
| 8:10 – 8:20 | ପରିଚୟ ପତ୍ର, ସମ୍ମିଳନୀ ପ୍ରାର୍ଥନା ଓ ଆସନ ମନ୍ଦିର ନିର୍ମାଣ ପାଇଁ ପ୍ରାର୍ଥନା | ଜ୍ଞାନ ଭାଇ | Parichaya Patra, Sammilani & Aasana Mandira Prarthana | Gyan Bhai |
| 8:20 – 8:30 | ନିରାଜନା ୫୪ | ବିଶ୍ୱ ଭାଇ | Nirajana 54 | Biswa Bhai |
| 8:30 – 8:31 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଲୋକ ୬୧) | ଅଶ୍ୱିନୀ ଭାଇ | Shri Shri GuruGeeta (Verse 61) | Ashwini Bhai |
| 8:31 – 8:35 | ନିଗମ ଉପଦେଶ (ଅକ୍ଷୟ ତୃତୀୟା) | ବିଜୟ ଭାଇ | Upadesha (Akshaya Trutiya) | Bijoy Bhai |
| 8:35 – 8:36 | ପରପୂଜା ନିମନ୍ତ୍ରଣ | ବିଶ୍ୱ ଭାଇ | Invitation for the next session | Biswa Bhai |
| 8:36 – 8:38 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | | Jayaguru nama kirtana and closing of aasana | |

| Time (ET) | ଦ୍ୱିତୀୟ ଅଧିବେଶନ (ସକାଳ ୯:୧୫ – ୧୧:୩୫) | | Second session (9:15am – 11:35pm) | |
|---|---|---|---|---|
| 9:15 – 9:30 | ଆବାହନ (ତୁମେ ମନ ଗଗନର ଶଶୀ ତାରା) | ମିଲୁ ମା' | Aabahana (Tume Mana Gaganara) | Milu Maa |
| | ଆବାହନ (ଆଜି ମରମେ କା ମଧୁସୁର ଜାଗେରେ) | ରଶ୍ମି ଚ· ମା' | Aabahana (Aaji marame ka madhu sura) | Rashmi C. Maa |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | | Pranama and opening of the curtain | |
| 9:32 – 9:40 | ସଂଗୀତ (ଆହା କି ସୁନ୍ଦର ରୂପ ମନୋହର) | ଦେବାଶିଷ୍ ଭାଇ | Song (aaha ki Sundara) | Debashis Bhai |
| 9:40 – 9:55 | ଶ୍ରୀ ଶ୍ରୀ ନିଗମାନନ୍ଦ କଥାମୃତ(୨୪୮-୨୫୨) | ସୌମ୍ୟ ଭାଇ | Kathamruta 248-252 | Soumya Bhai |
| 9:55 – 10:05 | ସଂଗୀତ (ଏକ ଲକ୍ଷ୍ୟେ ଏକ ବାକ୍ୟେ) | ଶିବାନୀ ମ· ମା' | Songs (eka lakhe eka bakye) | Sibani M. Maa |
| 10:05 – 10:45 | ପୁସ୍ତକ ପାଠ | ବ୍ରଜ ଭାଇ | Pustaka Patha | Braja bhai |
| 10:45 – 10:55 | ସଂଗୀତ (ସକଳି ତୋମାରି ଇଚ୍ଛା) | ସ୍ମିତା ବାଈ ମା' | Song (Sakali Tomari Ichha) | Smita Bai Maa |
| 10:55 –11:20 | ଭାବ ବିନିମୟ | | Bhaaba Binimaya | |
| 11:20 – 11:21 | ଆସନ୍ତା ଅକ୍ଷୟ ତୃତୀୟା ପୂଜା ପାଇଁ ନିମନ୍ତ୍ରଣ | ଜ୍ଞାନ ଭାଇ | Invitation for next Akshaya Trutiya | Gyan Bhai |
| 11:21 –11:22 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ(୪-୩୦-୧୭) | ବ୍ରଜ ଭାଇ | Invitation for the next puja (4-30-17) | Braja Bhai |
| 11:22 –11:23 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା | ବେଦମତୀ ମା' | Truti Bichyuti | Vedamati Maa |
| 11:23 –11:30 | ବିଦାୟ ପ୍ରାର୍ଥନା (ଦେବେର ଦୁର୍ଲ୍ଲଭ ତବ) | ଜ୍ଞାନ ଭାଇ | Last Song (Deber durlabha taba) | Gyan Bhai |
| 11:30 –11:35 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | | Jayaguru naama kirtana and closing of aasana | |

## ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି

ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି
ଗାଅରେ ସରବେ ମିଳି, ସୁଧା ନାମଟି ତାହାରି (କଣ୍ଠ ଭରି) ।୦।
କାମନା ବାସନା ଯେତେ
ଭସାଇ ସଲୀଳ ସ୍ରୋତେ
ଡାକ ତୁ ଅନ୍ତରଗତେ, ସେ ନାମ ସୁମରି ।୧।
ତୋଳି ମାନସ କୁସୁମ
ଗୁନ୍ଥି ହାର ଅନୁପମ
କଞ୍ଜ ନିନ୍ଦି ପଦେ ତାର, ଭେଟ ମାୟା ଭୁଲି ।୨।
ଶୁଣ କାନ, ମନ ଦେଇ
ଏ କି ଶବଦ ଶୁଭଇ
ଗଗନ, ପବନ, ଜଳ, କାନନ ସଞ୍ଚରି ।୩।
ରବିରେ ତେଜ ଝଲସେ
ଶଶିରେ କର ବିଳସେ
ଚଉଦିଗେ ଛବି ତାର ରହିଛି ତ ପୂରି ।୪।
ତା ବିନା ନାହିଁ କେ ଗତି
ତା ବିନେ ନାହିଁ ମୁକତି
ପଲକେ ହେଲେ ମନରୁ, ନ ଦିଅ ପାଶୋରି ।୫।

## ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ

ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ, ମୃଦୁ ସମୀରେ
ଜ୍ୟୋତିର୍ମୟ ରଥେ ବିଜେ କର ସତ୍ୱରେ, ମୃଦୁ ସମୀରେ ।୦।

ତପନ ଦର୍ଶନ ପାଇଁ ଯେହ୍ନେ ନଳିନୀ
ଚାହିଁ ରହିଥାଏ ହୋଇ ସେ ପାଗଳିନୀ
ବିରହର ଅଶ୍ରୁ ମୋର ନୟନୁ ଝରେ, ମୃଦୁ ସମୀରେ ।୧।

ଦରଶନ କରି ତବ ପୂଣ୍ୟ ମୂରତି
କେତେ ପାପି ଅନୁତାପି ପାଆନ୍ତି ମୁକ୍ତି
ଜୟଗୁରୁ ନାମ ଘୋଷି ଧିରେ ଧିରେ, ମୃଦୁ ସମୀରେ ।୨।

ପଦାବ୍ଜ ରଖିବା ପାଇଁ ସାଜି ଆସନ
ନିର୍ନିମେଷେ ଚାହିଁଅଛି ଧରି ସୁମନ
ବନ୍ଦାଇବି ପଦଯୁଗ ପ୍ରେମଭରେ, ଚାହଁ ସସ୍ନେହେ ମୋରେ ।୩।

## ତବ ମନ୍ଦିର ଦ୍ୱାରେ ଆସିଛୁ ଦେବ

ତବ ମନ୍ଦିର ଦ୍ୱାରେ ଆସିଛୁ ଦେବ ହେ ଧରି ନଇବେଦ୍ୟ ଥାଳି
ଦିଅ ଦରଶନ ହେ ପରାଣ ପ୍ରିୟ ! ରହିଛୁ ପ୍ରତୀକ୍ଷା କରି ।୦।
ଉନିଦ୍ର ଆଖିର ଅସରା ଲୁହରେ
ଧୋଇଦେବୁ ଦେବ ସେ ରଙ୍ଗପୟରେ
କୋଟି ଭକତଙ୍କ ହୃଦୟ ବେଦୀରେ ଜାଳି ଅଲିଭା ଦୀପାଳି ।୧।
ଲିଭିବ ନାହିଁ ସେ ଆଶାର ପ୍ରଦୀପ
ଅଧିର ମନର ସଉରଭ ଧୂପ
ତବ ସେବା ଆଶେ ରହିଅଛୁ ଚାହିଁ ବସିଛୁ ଜାଗର ଜାଳି ।୨।
ବାଜୁଅଛି ବୀଣା ହୃଦୟ ତନ୍ତ୍ରୀରେ
ସକଳ ବେଦନା ଅପସରେ ଦୂରେ
ଚକ୍ଷୁ ପଲକରେ ହୃଦୟ ଦୁଆର ଧୀରେ ଧୀରେ ଯାଏ ମେଲି ।୩।
ପୂର୍ଣ୍ଣ କର ହେ ଦୀର୍ଘ ଅପୂର୍ଣ୍ଣତା
ଲୀନ ହେଉ ପଦେ ଅନ୍ତହୀନ ଯାତ୍ରା
ଅଜଣା ଛନ୍ଦରେ ବାଜିଉଠୁ ବାରେ ମଧୁର ମୂର୍ଚ୍ଛନା ତୋଳି ।୪।
ଆସ ହେ ଦେବତା ଆସ ପ୍ରିୟତମ
ରହିଅଛି ଶୂନ୍ୟ ଏ ହୃଦ ଆସନ
ବନ୍ଦାଇବୁ ତବ ସେ ରଙ୍ଗ ପୟର ଭରା ଅଶ୍ରୁ ଅର୍ଘ୍ୟ ଢାଳି ।୫।

## ଆନନ୍ଦମୟ ନିଗମାନନ୍ଦ ଜୟ

ଆନନ୍ଦମୟ ନିଗମାନନ୍ଦ ଜୟ
ଏ ଶୁଭ ଲଗନେ ଆରତି ପ୍ରଣତି ନିଅ ।୦।

ଜଳାଇ ଜ୍ଞାନବତୀ ବିଶୁଦ୍ଧ କର ମତି
ଆହେ ଋଷିବର ଜଗତେ ତୁମର କେ କଳିବ ଗୁଣଚୟ ।୧।

ଜୀବର ବେଦନା ହାରୀ ଜଗମଙ୍ଗଳକାରୀ
ଅନ୍ଧ ନୟନେ ଜ୍ଞାନ ଅଞ୍ଜନ ତୁମେ ହେ ଘେନାଇ ଦିଅ ।୨।

ଅଜ୍ଞତା ଦୋଷେ ବୁଡି ପଥ ଯେବେ ଯାଏ ବୁଡି
ଆଲୋକ ଦେଖାଇ ଆଶିଷ ବରଷି କୋଳେ ଦିଅ ଆଶ୍ରୟ ।୩।

ତୁମେ ତ ଚିର ଅମର ମୁକ୍ତ ପୁରୁଷବର
ଲଲାଟେ ବିରାଜେ ମୁକ୍ତି ତିଳକ ନାହିଁ ତୁମ ପରାଜୟ ।୪।

ଘେନ କୋଟି ପ୍ରଣିପାତ ଦିଅ ମୁକତିର ମନ୍ତ୍ର
ଆଶ୍ରିତଜନ ଉଦ୍ଧାର କର ଘୁଞ୍ଚୁ ମରଣର ଭୟ ।୫।

## ତୁମେ ମନ ଗଗନର ଶଶୀ ତାରା

ତୁମେ ମନ ଗଗନର ଶଶୀ ତାରା
ମୁଁ ଯେ ଅନ୍ଧାରେ ପଥହରା
ତୁମରି ଆଲୋକ ଝଲକ ହେରିବି
ଚାହିଁଛି ଜୀବନ ସାରା ।୧।
ତୁମେ ସରଗର ସୁଧା ସିନ୍ଧୁ
ମୁଁ ଯେ ଧରଣୀର ଏକ ବିନ୍ଦୁ
ତୁମରି କରୁଣା ଝରଣାର ତୀରେ
ହୋଇବି ଶୋକ ପାଶୋରା ।୨।
ତୁମେ କୋକିଳର କୁହୁତାନ
ମୁଁ ଯେ ନିରାଶର ଛନ୍ଦହୀନ
ତୁମରି ଭରସା ଆଶାରେ ସହସା
ହୋଇଛି ପାଗଳ ପରା ।୩।
ତୁମେ ଆସ ଯାଅ ନିତି ନିତି
ମୁଁ ଯେ ଉଜାଗର ସାରା ରାତି
ଚରଣେ ଜୁହାରି କରୁଛି ଗୁହାରି
ଆସ ମୋ ନୟନ ତାରା ।୪।

## ଆହା କି ସୁନ୍ଦର ରୂପ ମନୋହର

ଆହା କି ସୁନ୍ଦର ରୂପ ମନୋହର ମଣି ମରକତ ଝରେ
ନ ଦେଖିଲା ଆଖି ଖୋଜି ବୁଲେ ତାକୁ, ଦେଖିଲା ନୟନ ଝୁରେ।୦।
ମଦନ ମୋହନ ବଦନ ଦେଖି
ନ ରହିବ କାହା ନୟନ ଲାଖି ?
ପାଷାଣ ପରାଣ ତରଳି ପଡେ ତା ପ୍ରୀତି ବୋଳା ଚାହାଣୀରେ ।୧।
ରୂପ ଲାଗି ଯେବେ ଏତେ ଆକୁଳତା ବିରହ ଜାଗଇ ମନେ
କେତେ ପୁଲକିତ ନହେବ ପରାଣ ଅପରୂପ ଦରଶନେ !
ଭାବମୟ ତା'ର କମ ମୂରତି
ଜାଣିହୁଏ ନାହିଁ, ଟାଣେ ତା' କତି
କିଏସେ କଳିବ ସେ ଲାବଣ୍ୟ ଠାଣି ଅନୁଭବ ଯା'ରେ ହାରେ ।୨।
ତାହାରି ପାଇଁ ତ ରାଧା ଝୁରି ମଲା ଯମୁନା ରହିଛି ସାକ୍ଷୀ
ଲାଜ ଡର ସବୁ ଭୁଲି ଯାଇ ତାକୁ ଛାତିରେ ଧରିଲା ଜାକି
ବଇଁଶୀ କହିଲା ଶୁଣ ଗୋ ରାଇ
ତୁମେ ମୋ ପାଇଁ, ମୁଁ ତୁମ ପାଇଁ
ଗହନ ମନର ଦହନ ନାଶିବା ପ୍ରୀତି ରତି ସୁଖ ସାରେ ।୩।
ତା' ପ୍ରେମ ପାଶରେ ବାନ୍ଧି ହେଲେ ଥରେ ସେ ବନ୍ଧନ ଫିଟେ ନାହିଁ
ଅଧୀର ମନର ମଧୁର ଗଣ୍ଠି ସେ ପ୍ରେମ ଦିଆ ନିଆ ପାଇଁ
ମିଠା ମିଠା ଲାଗେ ମୂରତି ଯା'ର
ଆହୁରି ମଧୁର ପୀରତି ତା'ର
ଭାବ ନଉକାରେ ବସି ପଡିଲେ ସେ ଭବ-ନଈ ପାର କରେ ।୪।

## ଆଜି ମରମେ କା ମଧୁସୁର ଜାଗେରେ

ଆଜି ମରମେ କା ମଧୁସୁର ଜାଗେରେ
ଥରଥର କ-ନ ଲାଗେରେ ।୦।
ଗୋପନ ବାସୀ ସେଇ ମନ ଉଦାସି
ପରାଣଜିଣା ତାର ଅରୂପ ବଂଶୀ
ବାଜେ ଗୋପନେ ଗୋପନେ ନବ ରାଗେରେ ।୧।
ପୁଲକ ଖେଳେ ତିନି ଭୁବନ ସାରା
ନାଚେରେ ଧରା ନାଚେ ଚନ୍ଦ୍ରତାରା
ନାଚେ ବିରହ ମିଳନ ଏକ ସଙ୍ଗେରେ ।୨।
ଅଳସ ଆଖି ଥିଲା ତନ୍ଦ୍ରାଭରା
ସପନ ଘେରା ଏ ରଜନୀ ସାରା
ମୋର ଚମକି ଚମକି ନିଦ ଭାଙ୍ଗେରେ ।୩।
ଅଜଣା ଦେଶୁ ଧୀରେ ଓହ୍ଲାଇ ଆସେ
କୁସୁମ ବାସେ ତା'ର ପରଶ ଭାସେ
ସେ ତ ହୃଦୟ ଭରା ପ୍ରେମ ମାଗେରେ ।୪।

## ଏକ ଲକ୍ଷ୍ୟେ ଏକ ବାକ୍ୟେ

ଏକ ଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ !
ଧନ୍ୟ ହୁଅ ମୃତ୍ୟୁ ଜିଣା ମହାମନ୍ତ୍ର ଧ୍ୟାୟି, 'ଜୟଗୁରୁ' ଜୟ ଗାଇ ।୦।
ଜୀବନର ଯେତେ କାଳ ଗଲା ହସି ଖେଳି
କର୍ମ ହେଲା ଶେଷ ଆସ, ଆସ ବେଗେ ଚଳି, ସର୍ବେ ଏକ ଇଚ୍ଛା ଧରି ।୧।
ନୁହଁ କେହି ପାପୀ ତାପୀ, ସର୍ବେ ଭାଗ୍ୟବାନ
ଦେଉଛନ୍ତି ଡାକ, ଉଠ, ଜାଗ ଭଗବାନ, ଜାଗ ଅମୃତ ସନ୍ତାନ ।୨।
ନୟନେ ଲୋତକ ଭରି, ଅନ୍ତରେ ଭକତି
ହାତେ ଅସୀ ଥିଲା ମୁଷ୍ଟି, ବାହୁରେ ଶକତି, ଧର ବଜ୍ର ଦୃଢ ମତି ।୩।
ବହୁମୂଲ୍ୟ ଉପଚାରେ ନାହିଁ ପ୍ରୟୋଜନ
ଥିଲେ ଆଣ ଦୁଃଖୀ ପାଇଁ ହୃଦେ ଏକ କୋଣ, ଥିଲେ ତିଳେ ହେଲେ ସ୍ଥାନ।୪।
ନିଜେ ଅରଜିବା ଦ୍ରବ୍ୟେ କର ଅରଚନା
କଣ୍ଟା କି କୁସୁମ ହେଉ ନ କର ଶୋଚନା, ଖାଣ୍ଟି ହେଲେ ନାହିଁ ମନା ।୫।
ଅଛି ଯେବେ ତପ୍ତ ରକ୍ତ, କି ସମବେଦନା
ଆସ ଧରି ଯିବା କରି ସଂଗ୍ରାମ ସାଧନା, ଏହି ଚରମ ସାଧନା ।୬।
ନାହିଁ ପରାଜୟ ଏଥି, ନାହିଁ ଅପମାନ
ଅଜେୟ ଅସ୍ତ୍ର ଧାରଣେ ହୁଅ ଆଗୁଆନ, ତ୍ରିଭୁବନେ ବଳବାନ ।୭।
ଏକ ମନେ ଚାଲ, ଭୟ ହୋଇବ ଖଣ୍ଡିତ
ବିଜୟ ଗୌରବେ ପଥ ହେଲାଣି ମଣ୍ଡିତ, ଗାଅ ବିଜୟ ସଙ୍ଗୀତ ।୮।